# NATIONAL NEWS BULLETIN (ODIA)

## 30 December - 2024

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ସ୍ପାଡେକ୍ସ ଅଭିଯାନ ନେଇ ଶ୍ରୀହରିକୋଟାରୁ ଆଜି ରାତିରେ ୨ଟି ଉପଗ୍ରହ ଉତ୍‌କ୍ଷେପଣ କରିବ ଇସ୍ରୋ
- ୩ ଦିନିଆ କାତାର ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍‌.ଜୟଶଙ୍କର
- ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟରଙ୍କ  ପରଲୋକ ।
- ଜର୍ଜିଆର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲେ ମିଖେଲ କାଭେଲାସ୍ୱିଲ୍

ଏବଂ

- ମେଲ୍‌ବର୍ଣ୍ଣ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଜାରି

–   ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ସଂଗ୍ରହ କରିଛି ୨୩୪ ରନ୍

## ଇସ୍ରୋ–ସ୍ପାଡେକ୍ସ

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ-ଇସ୍ରୋ ଆଜି ରାତିରେ ଶ୍ରୀହରିକୋଟାରୁ ୨ଟି ଉପଗ୍ରହ ଉତ୍‌କ୍ଷେପଣ କରିବ । ମହାକାଶ ଯାନକୁ

କକ୍ଷପଥରେ ଡକିଂ ଏବଂ ଅନଡକିଂ ବ୍ୟବସ୍ଥା ଦିଗରେ ଏଭଳି ପଦକ୍ଷେପ ନିଆଯାଉଛି । ଏଥିରେ ସଫଳତା ହାସଲ କଲେ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ରର ମାନ୍ୟତା ପାଇବ । ପିଏସ୍‌ଏଲ୍‌ଭି ଲଞ୍ଚ୍‌ପ୍ୟାଡରୁ **SDX 01** ଏବଂ **SDX 02** ଉପଗ୍ରହ ଦୁଇଟିକୁ ଉତ୍‌କ୍ଷେପଣା କରାଯାଇ ମହାକାଶରେ ୪୭୬ କିଲୋମିଟର ଗୋଲାକାର କକ୍ଷପଥରେ ସ୍ଥାପନ କରାଯିବ । ଜାନୁଆରୀ ମାସ ପ୍ରଥମ ସପ୍ତାହରେ ଏହି ଦୁଇଟି ଉପଗ୍ରହ ମାଧ୍ୟମରେ ଡକିଂ ବା ସ୍ପାଡେକ୍ସ ପରୀକ୍ଷା କରାଯିବ । ଭବିଷ୍ୟତରେ ଏହି ମିଶନ ଚନ୍ଦ୍ରପୃଷ୍ଠରୁ ପଥର ଏବଂ ମାଟି ଆଣିବା, ପ୍ରସ୍ତାବିତ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ସ୍ଥାପନ ଏବଂ ଚନ୍ଦ୍ରପୃଷ୍ଠରେ ମହାକାଶଚାରୀଙ୍କୁ ଅବତରଣ କରିବା ଆଦି କ୍ଷେତ୍ରରେ ବିଶେଷ ସହାହୟକ ହେବ । ଆମେରିକା, ରୁଷ ଏବଂ ଚୀନ୍ ଏହି ଡକିଂ ଟେକ୍ନୋଲୋଜିରେ ପାରଦର୍ଶିତା ହାସଲ କରିସାରିଛନ୍ତି । ଇସ୍ରୋ ପକ୍ଷରୁ କୁହାଯାଇଛି ଏହି ପେ-ଲୋଡ୍ ଉଚ୍ଚ ରେଜୋଲ୍ୟୁସନ୍ ଫଟୋ, ପ୍ରାକୃତିକ ସମ୍ବଳ ନିରୀକ୍ଷଣ, ଉଦ୍‌ଭିଦ ଅଧ୍ୟୟନ ଏବଂ କକ୍ଷପଥରେ ବିକିରଣ ପରିବେଶ ମାପ ନେଇ ତଥ୍ୟ ପ୍ରଦାନ କରିବ ।

## ଜୟଶଙ୍କର କାତାର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜିଠାରୁ ୩ଦିନିଆ କାତାର ଗସ୍ତରେ ଯାଉଛନ୍ତି । ଏହି ଗସ୍ତ ଅବସରରେ ସେ କାତାରର ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲ ରହମାନ ବିନ୍ ଯାସିମ୍ ଅଲ୍ ଥାନୀଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଦୁଇ ନେତାଙ୍କ ମଧ୍ୟରେ ରାଜନୈତିକ,

ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ନିରାପତ୍ତା, ସାଂସ୍କୃତିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସଂପର୍କ ବୃଦ୍ଧି ନେଇ ଆଲୋଚନା ହେବ । ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ଗୁଡ଼ିକ ଉପରେ ମଧ୍ୟ ଉଭୟ ନେତା ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## ଶାହା ଗୁଜରାଟ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଗୁଜରାଟ ଗସ୍ତରେ ଯିବେ । ଏହି ଦିନିକିଆ ଗସ୍ତ ଅବସରରେ ଶ୍ରୀ ଶାହା ଅସୁରାସ୍ଥିତ ଶ୍ରୀଧର୍ମପୁର ତୀର୍ଥରେ ଥିବା ଶ୍ରୀମତ୍ ରାଜ୍‌ଚନ୍ଦ୍ର ଆଶ୍ରମର ବାର୍ଷିକ ଉତ୍ସବରେ ଯୋଗଦେବେ । ରାଜସଭାଗୃହଠାରେ ମହାମସ୍ତକାଭିଷେକ ସମାରୋହରେ ସ୍ୱରାଷ୍ଟ୍ରମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ନିର୍ମଳା ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ପ୍ରସ୍ତୁତି ନେଇ ଆଜି ବ୍ୟବସାୟୀ ଏବଂ ଶିଳ୍ପପତିଙ୍କ ସହ ଆଲୋଚନା କରିବେ । ସାମଗ୍ରୀ ବ୍ୟବହାର ବୃଦ୍ଧି ଏବଂ ଜି.ଡି.ପି. ଅଭିବୃଦ୍ଧି ସଂପର୍କରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି ।

## ଇୟର ଏଣ୍ଡ୍ ଡିଫେନ୍ସ

୨୦୨୪ ମସିହା ଶେଷହେବାକୁ ଯାଉଛି । ଆକାଶବାଣୀ ସମାଚାର ବିଭାଗ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ପ୍ରମୁଖ କାର୍ଯ୍ୟାଳୟ

ଉପରେ ଝଲକ ପ୍ରସ୍ତୁତ କରିଛି । ଆଜି ଆସନ୍ତୁ ଶୁଣିବା ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ଏବଂ ଉପଲବ୍ଧି ସଂପର୍କରେ ।

ଭାରତକୁ ଏକ ଶକ୍ତିଶାଳୀ, ସୁରକ୍ଷିତ, ଆତ୍ମନିର୍ଭରଶୀଳ ଏବଂ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବା ଦିଗରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଚଳିତବର୍ଷ ପ୍ରକୃତ ନିୟନ୍ତ୍ରଣରେଖା ନିକଟସ୍ଥ କେତେକ ଅଞ୍ଚଳରେ ଭୂ-ଭାଗର ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଭାରତ ଏବଂ ଚୀନ୍ ସହମତି ପ୍ରଦାନ କରିଛନ୍ତି । ଉଭୟ ଦେଶ ମଧ୍ୟରେ କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ହୋଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତିରକ୍ଷା ଉତ୍ପାଦନ ୧ଲକ୍ଷ ୨୬ ହଜାର ୮୮୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହାକି ପୂର୍ବବର୍ଷ ଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ । ଗତ ଆର୍ଥିକବର୍ଷରେ ପ୍ରତିରକ୍ଷା ରପ୍ତାନୀ ରେକର୍ଡ ପରିମାଣ ୨୧ ହଜାର ୮୩ କୋଟି ଟଙ୍କା ଛୁଇଁଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍ ମିଳିତ ଭାବେ ଗୁଜରାଟର ଭଦୋଦରାଠାରେ ସି-୨୯୫ ପରିବହନ ବିମାନ ଉତ୍ପାଦନ ପାଇଁ ଟାଟା ଏୟାରକ୍ରାଫ୍ଟ କଂପ୍ଲେକ୍ସକୁ ଉଦ୍‌ଘାଟନ କରିଥିଲେ ।

ପ୍ରତିରକ୍ଷା ଶିଳ୍ପକୁ ପ୍ରୋତ୍ସାହନ ପ୍ରଦାନ ଏବଂ ବିଦେଶୀ କ୍ରୟକୁ ହ୍ରାସ କରିବା ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଜିମି କାର୍ଟର ଡେଥ୍

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜିମି କାର୍ଟରଙ୍କର ଗତରାତିରେ ଜର୍ଜିଆସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଛି । ତାଙ୍କୁ ୧୦୦ ବର୍ଷ ବୟସ ହୋଇଥିଲା । ଅସୁସ୍ଥତା କାରଣରୁ ସେ ଚିକିତ୍ସାଧୀନ ଥିଲେ । ଡେମୋକ୍ରାଟିକ୍ ଦଳର ସଦସ୍ୟ ଭାବେ ଶ୍ରୀ କାର୍ଟର ୧୯୭୭ରୁ ୧୯୮୧ ପର୍ଯ୍ୟନ୍ତ ରାଷ୍ଟ୍ରପତି ଭାବେ କାର୍ଯ୍ୟକାଳ ନିର୍ବାହ କରିଥିଲେ । ୨୦୦୨ରେ ତାଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଜର୍ଜିଆ ପ୍ରେଜ୍

ଜର୍ଜିଆର ରାଷ୍ଟ୍ରପତି ଭାବେ ମିଖେଲ କାଭେଲାସ୍ୱିଲ୍ ଗତକାଲି ଶପଥ ଗ୍ରହଣ କରିଛନ୍ତି । ଦେଶର ସ୍ୱାର୍ଥରକ୍ଷା ଲାଗି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ରାଷ୍ଟ୍ରପତି ପ୍ରତିଶ୍ରୁତି ଦେଇଛନ୍ତି ।

ଅନ୍ୟପକ୍ଷରେ ବିଦାୟୀ ରାଷ୍ଟ୍ରପତି ସାଲୋମ ଜୋରାବିଚିଲି ରାଷ୍ଟ୍ରପତି ଭବନ ବାହାରେ କହିଛନ୍ତି, ଏବେ ବି ସେ ନିଜକୁ ବୈଧ ରାଷ୍ଟ୍ରପତି ଭାବେ ବିବେଚନା କରୁଛନ୍ତି । କାଭେଲାସ୍ୱିଲ୍ ସଠିକ୍ ଭାବେ ନିର୍ବାଚିତ ହୋଇନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

# ସାଉଥ୍ କୋରିଆ - ପ୍ଲେନ୍ କ୍ରାସ୍

ଦକ୍ଷିଣ କୋରିଆ ବିମାନ ଦୁର୍ଘଟଣାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ

ସମବେଦନା ଜ୍ଞାପନ କରିଛନ୍ତି । ଏଭଳି ଏକ ଦୁଃଖଦ ସମୟରେ ଦକ୍ଷିଣକୋରିଆବାସୀଙ୍କ ସହ ଭାରତର ସମବେଦନା ରହିଛି ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି ।

ସୂଚନାଯୋଗ୍ୟ, ଏହି ବିମାନ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୧୭୯ଜଣଙ୍କର ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରେ ୧୭୫ ଜଣ ଯାତ୍ରୀ ଏବଂ ୪ ଜଣ କ୍ରିୟୁ ସଦସ୍ୟ ଅଛନ୍ତି । ଅନ୍ୟ ଦୁଇଜଣ କ୍ରିୟୁ ସଦସ୍ୟଙ୍କୁ ଉଦ୍ଧାର କରାଯାଇଛି । ଦକ୍ଷିଣ କୋରିଆର କାର୍ଯ୍ୟକାରୀ ରାଷ୍ଟ୍ରପତି  ଚୋଇ ସାଙ୍ଗ-ମକ୍ ଏହି ବିମାନ ଦୁର୍ଘଟଣାପାଇଁ ଆସନ୍ତା ଜାନୁୟାରୀ ୪ ତାରିଖ ପର୍ଯ୍ୟନ୍ତ ଜାତୀୟ ଶୋକ ଘୋଷଣା କରିଛନ୍ତି । ଇତିମଧ୍ୟରେ ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକ୍ ବକ୍ସ ଉଦ୍ଧାର କରାଯାଇଛି । ସେଥିରେ ବିମାନର ସମସ୍ତ ତଥ୍ୟ ଏବଂ ଭଏସ୍ ରେକର୍ଡ଼ ରହିଛି । ସୂଚନାଯୋଗ୍ୟ, ଦକ୍ଷିଣ କୋରିଆର ଜେଜୁ ବିମାନ' ବ୍ୟାଙ୍କଙ୍ଗ୍‌ରୁ ୧୭୫ ଜଣ ଯାତ୍ରୀ ଏବଂ ୬ ଜଣ ବିମାନ କର୍ମଚାରୀଙ୍କୁ ମୁଆନ୍ ଆନ୍ତର୍ଜାତିକ ବିମାନ ବନ୍ଦର ଅଭିମୁଖେ ଯାତ୍ରା କରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା । ମୁଆନ୍ ଆନ୍ତାର୍ଜାତିକ ବିମାନ ବନ୍ଦରରେ ରନ୍‌ୱେରେ ଅବତରଣବେଳେ ବିମାନଟିରେ ନିଆଁ ଲାଗିଯାଇଥିଲା । ମୁଆନ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ସମସ୍ତ ବିମାନ ଚଳାଚଳ ରଦ୍ଦ କରାଯାଇଛି ବୋଲି କୋରିଆ ବିମାନ ବନ୍ଦର ନିଗମ ପକ୍ଷରୁ କୁହାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟା ରେ **ବିପର୍ଯ୍ୟୟ ମୁକାବିଲାର ପ୍ରଭାବୀ ପ୍ରସ୍ତୁତି**

ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ବିପର୍ଯ୍ୟୟ ପରିଚାଳନା ଆୟୋଗର ପୂର୍ବତନ ସଦସ୍ୟ ଲେଫ୍ଟନାଣ୍ଟ ଜେନେରାଲ୍ ସୟେଦ ଅତା ହସ୍ନାଏନ୍  ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମରେ ଶ୍ରୋତାମାନେ ବିପର୍ଯ୍ୟୟ ସମୟରେ କିଭଳି ପ୍ରସ୍ତୁତ ରହିବେ, ସେ ସଂପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23421050  ଓ 011-23314444 ନମ୍ବରକୁ ରାତି ୯ଟା ୩୦ ମିନିଟ୍ ପରେ ଡାଏଲ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## କ୍ରିକେଟ୍

ମେଲ୍‌ବର୍ଣ୍ଣ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଜାରି ରହିଛି । ଆଜି ପଞ୍ଚମ ଦିନର ଖେଳ ଅଷ୍ଟ୍ରେଲିଆ ତା’ର ଦ୍ୱିତୀୟ ଇନିଂସରେ ଗତକାଲିର ସ୍କୋର ୯ ଓ୍ୱିକେଟ୍‌ରେ ୨୨୮ ରନ୍‌ରୁ ଆରମ୍ଭ କରିଥିଲା । ସମସ୍ତ ଓ୍ୱିକେଟ୍ ହରାଇ ୨୩୪ ରନ୍ ସଂଗ୍ରହ କରିଥିଲା । ଏହି ଟେଷ୍ଟ୍ ଜିତିବାକୁ ହେଲେ ଭାରତକୁ ଦ୍ୱିତୀୟ ଇନିଂସ୍‌ରେ ୩୪୦ ରନ୍ ସଂଗ୍ରହ କରିବାକୁ ପଡ଼ିବ । ଭାରତ ପକ୍ଷରୁ ଯଶ୍‌ପ୍ରୀତ୍ ବୁମ୍‌ରା ୫ଟି ଓ୍ୱିକେଟ ଅକ୍ତିଆର କରିଛନ୍ତି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଭାରତ ୩ ଓ୍ୱିକେଟ୍ ବିନିମୟରେ ୩୩ ରନ୍ ସଂଗ୍ରହ କରିଛି । ରୋହିତ ଶର୍ମା ୯ ରନ୍, କେ.ଏଲ୍. ରାହୁଲ କୌଣସି ରନ୍ ନକରି ଏବଂ ବିରାଟ କୋହଲି ୫ ରନ୍

କରି ଆଉଟ୍ ହୋଇଛନ୍ତି। ଯଶସ୍ୱୀ ଜୟସ୍ୱାଲ ୧୪ ରନ୍ କରି ଅପରାଜିତ ଅଛନ୍ତି ।

ସୂଚନାଯୋଗ୍ୟ ଚଳିତ ବର୍ଷର ଗାଭାସ୍କର ଟ୍ରଫିର ୫ଟିକିଆ ଟେଷ୍ଟ୍ ସିରିଜ୍‌ର ଖେଳାଯାଇଥିବା ୩ଟି ଟେଷ୍ଟ୍‌ମ୍ୟାଚ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ଜିତି ସମାନ ସ୍ତରରେ ଅଛନ୍ତି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ପ୍ରତିଯୋଗିତାର ପୁରୁଷ ବର୍ଗରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ରାଢ଼ ବେଙ୍ଗଲ୍ ଟାଇଗର୍ସ ଏବଂ ସୁରମା ହକି କ୍ଲବ ବିଜୟୀ ହୋଇଛନ୍ତି । ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଅନୁଷ୍ଠିତ ଦୁଇଟିଯାକ ମ୍ୟାଚ୍ ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ' ହାଇଦ୍ରାବାଦ ତୋଫାନ୍ସକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି । ଦ୍ୱିତୀୟ ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ସୁଟ୍‌ଆଉଟ୍ ଜରିଆରେ ୪-୧ ଗୋଲ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି । ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିବା ବେଳେ ପେନାଲ୍‌ଟି ସୁଟ୍‌ଆଉଟ୍‌ର ଆବଶ୍ୟକତା ପଡ଼ିଥିଲା ।

ଆଜି କଳିଙ୍ଗ ଲାନ୍‌ସର୍ସ ଏବଂ ୟୁପି ରୁଦ୍ରସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

# ବ୍ୟାଡମିଣ୍ଟନ

କିଙ୍ଗ୍ କପ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଲକ୍ଷ୍ୟସେନ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଫ୍ରାନ୍ସର ପ୍ରତିପକ୍ଷ ଆଲେକ୍ସ ଲାନିଓର୍‌ଙ୍କୁ ୨୧-୧୭ ଏବଂ ୨୧-୧୧ରେ ପରାସ୍ତ କରି ଲକ୍ଷ୍ୟସେନ ଏହି ସଫଳତା ପାଇଛନ୍ତି । ପୂର୍ବରୁ  ସେମିଫାଇନାଲ୍ ପର୍ଯ୍ୟାୟରେ ଲକ୍ଷ୍ୟସେନ ଚୀନ୍‌ର ପ୍ରତିଯୋଗୀ ହୁ ଜେନ୍ ଙ୍କଠାରୁ ପରାସ୍ତ ହୋଇଥିଲେ । ଏହି ପ୍ରତିଯୋଗିତାରେ ଲକ୍ଷ୍ୟସେନ୍ ଏକମାତ୍ର ଭାର୪ତୀୟ ପ୍ରତିଯୋଗୀ ଭାବେ ଅଂଶ ଗ୍ରହଣ କରିଥିଲେ ।